# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 September – 2026

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଜଳଶକ୍ତି ମନ୍ତ୍ରଣାଳୟ ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱରଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ
- ପ୍ରଦୂଷଣ ପ୍ରମାଣପତ୍ର ଜରିମାନାକୁ ହ୍ରାସ କଲେ ରାଜ୍ୟ ସରକାର
- ନଡ଼ିଆ ଉତ୍ପାଦନକୁ ପ୍ରୋତ୍ସାହନ ସହିତ ଆର୍ଥିକ ଓ ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ନଡ଼ିଆ ଦିବସ

ଏବଂ

- ଲଘୁଚାପ ପ୍ରଭାବରେ ବର୍ଷା ନେଇ ୧୨ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ସତର୍କ ସୂଚନା

# ପିଏମ୍-ଜଲ ଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଆଜି ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ସମ୍ବୋଧନ କରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ବିଭାଗ ସ୍ତରୀୟ ଶିଖର ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ । ଟିମ୍ ଇଣ୍ଡିଆ ମନୋଭାବକୁ ସୁଦୃଢ଼ କରିବା, ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଘନିଷ୍ଠ ସହଯୋଗ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ସାମୂହିକ ଦାୟିତ୍ୱ ବୃଦ୍ଧି କରି ସମୟାନୁବର୍ତ୍ତୀ ସମାଧାନ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ । ଏହି ଶିଖର ସମ୍ମିଳନୀରେ ୪ଟି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।

ସେଗୁଡ଼ିକ ହେଲା – ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ଜଳ ସଂଚୟ ଜନଭାଗିଦାରୀ – କ୍ୟାଚ୍ ଦ ରେନ୍, ପାନୀୟ ଜଳ ଉତ୍ସର ସ୍ଥାୟୀ ବ୍ୟବସ୍ଥା ଏବଂ ଜଳଜୀବନ ମିଶନ୍ ଟୁ ପଏଣ୍ଟ ଜିରୋ ଅଧୀନରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯୋଜନାର ପରିଚାଳନା ଓ ରକ୍ଷଣାବେକ୍ଷଣ । ଆଜିର ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ

ରାଜନୈତିକ ନେତୃବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏହିସବୁ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

Desk

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ସ୍ୱତନ୍ତ୍ର ଟ୍ରେନ୍‌କୁ ଆଜି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱର  ନୂଆ ରେଳଷ୍ଟେସନ୍‌ଠାରେ ଶୁଭାରମ୍ଭ କରିଛନ୍ତି। ଯୋଜନାରେ ୮୦୦ ଜଣ ବରିଷ୍ଠ ନାଗରିକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି। ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ଆକାଂକ୍ଷାକୁ ସମ୍ମାନ ଜଣାଇ ତଥା ତୀର୍ଥଯାତ୍ରା ସ୍ୱପ୍ନ ପୂରଣ କରିବା ପାଇଁ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି।

ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ଜଗତସିଂହପୁର, କଟକ, ପୁରୀ, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସମେତ ୨୫ ଜଣ ଅଧିକାରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ଆସନ୍ତା ୭ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

Desk

## ଜରିମାନା ହ୍ରାସ

ପ୍ରଦୂଷଣ ପ୍ରମାଣପତ୍ର ଜରିମାନାକୁ ହ୍ରାସ କରାଯାଇଛି ବୋଲି ସଡ଼କ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଜରିମାନାର ମୂଲ୍ୟ ୧୦ ହଜାର ଟଙ୍କା ପରିବର୍ତ୍ତେ ୬ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଦୁଇ ଓ ତିନିଚକିଆ ଯାନ ପାଇଁ ପ୍ରଥମଥର ଉଲ୍ଲଙ୍ଘନ କଲେ ୧ ହଜାର ଟଙ୍କା ଏବଂ ଦ୍ୱିତୀୟଥର ପାଇଁ ୫ ହଜାର ଟଙ୍କା ଦେୟ ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଚାରିଚକିଆ ଯାନ ପାଇଁ ପ୍ରଥମ ଉଲ୍ଲଙ୍ଘନରେ ୨୦୦୦ ଏବଂ ଦ୍ୱିତୀୟଥରର ୫ ହଜାର ଟଙ୍କା ଜରିମାନା ଓ ଅନ୍ୟାନ୍ୟ ଯାନଗୁଡ଼ିକ ପାଇଁ ପ୍ରଥମଥର ପାଇଁ ୩ ହଜାର ଏବଂ ଦ୍ୱିତୀୟଥର ଉଲ୍ଲଙ୍ଘନରେ ୬ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ୯୦ଦିନରୁ ଅଧିକ ଇ-ଚାଲାଣ ବକେୟା ଥିଲେ ପ୍ରଦୂଷଣ ପ୍ରମାଣପତ୍ର ରଦ୍ଦ ହୋଇଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

**- V/O –**

Puri

# ରାହୁରେଖା ଲାଗି ନୀତି

ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେଉଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି କରାଯିବ। ଏ ନେଇ ଆଜି ଅପରାହ୍ନ ୨ଟା ୩୦ରୁ

ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସ୍ନାନପୂର୍ଣ୍ଣିମା ଦିନ ଅଣସର ଘରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖର ଚର୍ତୁପାର୍ଶ୍ୱରେ ସ୍ୱର୍ଣ୍ଣରେ ନିର୍ମିତ ରାହୁରେଖାକୁ ଓଲାଗି କରି ଭଣ୍ଡାର ଘରେ ରଖାଯାଇଥିଲା। ଏହାକୁ ଆଜି ରେଖା ପଞ୍ଚମୀରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଲାଗି କରାଯିବ। ସକାଳୁ ଗୋପାଳବଲ୍ଲଭ ଭୋଗ ବଢ଼ିବା ପରେ ତଢ଼ାଉ କରଣ ଓ ଦେଉଳ କରଣ, ଭଣ୍ଡାର ମେକାପଙ୍କୁ କହି ଭଣ୍ଡାରରୁ ମୁଦ ହୋଇ ହୋଇ ରହିଥିବା ସୁବର୍ଣ୍ଣ ରାହୁରେଖା ବାହାର କରିଥିଲେ। ପରେ ବେହେରଣ ଦ୍ୱାର ନିକଟରେ ଶ୍ରୀମନ୍ଦିର ବଣିଆ ସେବକ ରାହୁରେଖାକୁ ମାଜି ସଫା କରିଥିଲେ। ଭୋଗମଣ୍ଡପ ନୀତି ବଢ଼ିବା ପରେ ପାଳିଆ ସେବକ ଓ ଦଇତାପତି ସେବକମାନେ ଜୟ ବିଜୟ ଦ୍ୱାର ବନ୍ଦ କରି ମହାପ୍ରଭୁଙ୍କୁ ଏହି ରାହୁରେଖା ଲାଗି କରିବେ।

ରାଜ୍ୟର କେତେକ ସ୍ଥାନରେ ଆଜି ଏକ ବିଶେଷ ଦ୍ୱାର ପୂଜା ନୀତି ପାଳିତ ହେବାର ବିଧି ରହିଛି। ରକ୍ଷା ପଞ୍ଚମୀରେ ଗୃହକର୍ତ୍ତାମାନେ ସର୍ପ, ହିଂସ୍ର ପଶୁ, ଭୂତ ପିଶାଚମାନଙ୍କଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀ ବଟୁକ ଭୈରବଙ୍କ ପୂଜା କରିଥାନ୍ତି।

Puri

## ଶ୍ରୀମନ୍ଦିର ଆକାଉଣ୍ଟ

ପୁରୀ ଶ୍ରୀମନ୍ଦିରରେ ଗତ ୩୧ ତାରିଖ ସୁଦ୍ଧା ତିନୋଟି ଭିନ୍ନ ଭିନ୍ନ ଯୋଜନାରେ ୧ ହଜାର ୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମାଭାବେ ରଖାଯାଇଛି। ଏଥିମଧ୍ୟରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ୧ ହଜାର ୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଏବଂ ଶ୍ରୀମନ୍ଦିରର ପିଏଲ୍ ଆକାଉଣ୍ଟରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ରଖାଯାଇଥିବା ଜଣାପଡ଼ିଛି। ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ସଞ୍ଚୟ ଖାତା ଓ ଚାଲୁ ଖାତାରେ ୧୦୦ କୋଟି ୭୦ ଲକ୍ଷ ୬୬ ହଜାର ୮୬୮ ଟଙ୍କା ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Desk

# ବିଶ୍ୱ ନଡ଼ିଆ ଦିବସ

ନଡ଼ିଆ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ତଥା ସମାଜରେ ଏହାର ଆର୍ଥିକ ଏବଂ ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ନଡ଼ିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଅନିଶ୍ଚିତତା ସମୟରେ ନଡ଼ିଆ : ଖାଦ୍ୟ, ଶକ୍ତି ଓ ଜୀବିକାର ସୁରକ୍ଷା' ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ଉପସ୍ଥାପନା...

ଏକ ଉଷ୍ଣମଣ୍ଡଳୀୟ ଲାଭକରୀ ଫସଲ ଭାବେ ନଡିଆର ଉତ୍ପତ୍ତି ଦକ୍ଷିଣପୂର୍ବ ଏସିଆ ମହାଦେଶରେ ହୋଇଥିବାର ଅନୁମାନ କରାଯାଇଛି। ଆରବ ନାବିକମାନଙ୍କ ମାଧ୍ୟମରେ ଭାରତ ସମେତ ଦକ୍ଷିଣ-ପୂର୍ବ ଏସିଆରୁ ପୂର୍ବ ଆଫ୍ରିକାର ଉପକୂଳ ପର୍ଯ୍ୟନ୍ତ ନଡ଼ିଆ ବ୍ୟାପିବାରେ ଲାଗିଲା। ନଡ଼ିଆ ଗଛ ଖାଦ୍ୟ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ଔଷଧ ଏବଂ ନିର୍ମାଣ ସାମଗ୍ରୀ ଆଦି ଯୋଗାଇଥାଏ। ନଡ଼ିଆ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ୧୯୮୧ ମସିହା ଜାନୁଆରୀ ୧୨ ତାରିଖରେ ନଡ଼ିଆ ବିକାଶ ବୋର୍ଡ ପ୍ରତିଷ୍ଠା କରାଯାଇଥିଲା। କୋଚିରେ ଥିବା ଏହାର ମୁଖ୍ୟାଳୟ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନଡ଼ିଆ କ୍ଷେତ୍ରର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରୁଛି। ଉତ୍ପାଦନ, ପ୍ରକ୍ରିୟାକରଣ, ବ୍ୟାପକ ବଜାର କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ବୋର୍ଡ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ନଡ଼ିଆ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ନଡ଼ିଆ ଉତ୍ପାଦନରେ ସମଗ୍ର ବିଶ୍ୱରେ ଭାରତ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଁ ତୃତୀୟ ସ୍ଥାନ ଅଧିକାର କରିଛି।

ଭଦ୍ରକ ଜିଲ୍ଲାର ନରେନ୍ଦ୍ର ରୟାଲ ଠାରେ ବିଶ୍ୱ ନଡ଼ିଆ ଦିବସ ପାଳିତ ହୋଇଯାଇଛି। ଜଳବାୟୁ ସହନଶୀଳ ଚାଷ ଏବଂ ଜୈବିକ ନଡ଼ିଆ, କ୍ଷୀର ଓ ଖୋଳପା ବାୟୋମାସ ଶକ୍ତି ଭଳି ଅଧିକ ଲାଭଦାୟକ ଉତ୍ପାଦ ମାଧ୍ୟମରେ

ଗ୍ରାମୀଣ ଆର୍ଥିକ ଭବିଷ୍ୟତକୁ ବଦଳାଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ସ୍ଥାନୀୟ ଚାଷୀ, ଅଗ୍ରଣୀ ଗବେଷକ, ଶିଳ୍ପ ରପ୍ତାନୀକାରୀମାନେ ଉପସ୍ଥିତ ଥିଲେ। ଏହି ଦିବସ ସମ୍ପର୍କରେ ଭୁବନେଶ୍ୱର ସ୍ଥିତ ନଡ଼ିଆ ଉନ୍ନୟନ ବୋର୍ଡର ସଦସ୍ୟ ସସ୍ମିତା ପଲେଇ ଆକାଶବାଣୀକୁ କହିଛନ୍ତି...

**- V/O -**

ଆକାଶବାଣୀ କଟକ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Nabarangpur

## ଧାନ ସଂଗ୍ରହ

ସାଂସଦ ବଳଭଦ୍ର ମାଝୀ ନବରଙ୍ଗପୁର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଧାନମଣ୍ଡିରେ ଖରିଫ ଧାନ ସଂଗ୍ରହ ପାଇଁ ହେଉଥିବା ଚାଷୀ ପଞ୍ଜୀକରଣ, ଗୋଦାମ ଗୃହ କାର୍ଯ୍ୟକ୍ଷମ ଆଦି ବିଭିନ୍ନ କାର୍ଯ୍ୟର ଶ୍ରୀ ମାଝୀ ତଦାରଖ କରିଛନ୍ତି।

ଏଥିସହ ଆସନ୍ତା ୧୭ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ସେବା ସଂକଳ୍ପ ଅଭିଯାନର ପ୍ରସ୍ତୁତି ବୈଠକରେ ମଧ୍ୟ ସେ ଯୋଗ ଦେଇଥିଲେ।

Kendrapada

## ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ଉ

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ଅନୁପଯୋଗୀ ପନିର ବିକ୍ରି ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ବିରୋଧରେ ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ାଉ ଜାରି ରହିଛି। ଚଢ଼ାଉ ସମୟରେ ବିଭିନ୍ନ ଖାଦ୍ୟ ପ୍ରତିଷ୍ଠାନରୁ ୩୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୧୦୩ କିଲୋଗ୍ରାମ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ସାମଗ୍ରୀ ମଧ୍ୟମ ଜବତ କରାଯାଇଛି।

MET

## ପାଣିପାଗ

ଉତ୍ତର-ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ତଥା ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧରେ ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗିରେ ସର୍ବାଧିକ ୪୨ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର

ଓ ବିଞ୍ଝାରପୁର ବ୍ଲକ୍‌ରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆଜିପାଇଁ ଛୁଟି ଘୋଷଣା କରାଯାଇଛି ।

Desk

## ବନ୍ୟା

ବାଲେଶ୍ୱର ଜିଲ୍ଲା ସୁବର୍ଣ୍ଣରେଖାରେ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି। ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଜଳସ୍ତର ପ୍ରାୟତଃ ଏଭଳି ଅବସ୍ଥାରେ ରହିବ। ଜଳେଶ୍ୱର, ଭୋଗରାଇ,ବସ୍ତା, ବାଲିଆପାଳ ବ୍ଲକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟର ଅନ୍ୟ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଇବା ଆରମ୍ଭ କଲାଣି। ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବା ଯୋଗୁଁ ମହାନଦୀରେ ବନ୍ୟା ପରିସ୍ଥିତି ନଥିବା ନେଇ ଶ୍ରୀ ରାଉତ କହିଛନ୍ତି।